# ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ  ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼
## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବରଗଡ଼ – ୭୬୮୦୨୮
ଫୋନ୍/ଫ୍ୟାକ୍ସ : ୦୬୬୪୬-୨୩୧୭୬୩

ବିଜ୍ଞପ୍ତି ସଂଖ୍ୟା : ୮୨/ **ଏନ୍ଏଚ୍ଏମ୍, ବରଗଡ଼ /** ୨୦୨୫–୨୬ ତାରିଖ : ୧୭/୧୨/୨୦୨୫

## ନିବିଦା ଆହ୍ୱାନ ସୂଚନା

ବ୍ୟକ୍ତିଗତ / ଟୁର୍ ଅପରେଟର / ଟ୍ରାଭେଲ୍ ଏଜେନ୍ସି / ସୋସାଇଟି / ଫର୍ମ ମାନଙ୍କ ଠାରୁ ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା, **ଡିପିଏମ୍ୟୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଏନ୍ଏଚ୍ଏମ୍), ବରଗଡ଼ ଏବଂ ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ପାଇଁ ଯାନବାହନ ଭଡ଼ାରେ ନିଯୁକ୍ତି, ବିଏଲ୍ଏସ୍ ବିଏସ୍–୬ ଏସି ଆମ୍ବୁଲାନ୍ସ (ଟାଇପ୍–ବି)** ଯୋଗାଣ ଏବଂ **ରୋଗଭାର ପରିଚାଳନା ଓ ଅକ୍ଷମତା ରୋକଥାମ କିଟ୍ (ଏମ୍ଏମ୍ଡିପି)** ଯୋଗାଣ ପାଇଁ **ସିଲ୍‌ବନ୍ଦ ନିବିଦା** ଆହ୍ୱାନ କରାଯାଉଛି।ନିବିଦାଦାତାଙ୍କ ଯୋଗ୍ୟତା ମାନଦଣ୍ଡ, ନିୟମ ଓ ସର୍ତ୍ତାବଳୀ ଏବଂ ନିବିଦା ଦାଖଲ ପାଇଁ ଆବଶ୍ୟକ ଫର୍ମାଟ୍ (ପ୍ରାୟୋଗିକ ଓ ମୂଲ୍ୟ ନିବିଦା) ସମ୍ପର୍କିତ ସମସ୍ତ ବିବରଣୀ **ଟେଣ୍ଡର ଡକ୍ୟୁମେଣ୍ଟ**ରେ ଉଲ୍ଲେଖିତ ଅଛି, ଯାହା www.bargarh.odisha.gov.in ୱେବସାଇଟ୍‌ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଆଗ୍ରହୀ ଏଜେନ୍ସିମାନେ ତାଙ୍କର ନିବିଦାକୁ **ଅଲଗା ଅଲଗା ସିଲ୍‌ବନ୍ଦ ଖାମରେ** ଦାଖଲ କରିବେ ଏବଂ ଖାମର ଉପରଭାଗରେ ସ୍ପଷ୍ଟ ଭାବରେ —" ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା **, ଡିପିଏମ୍ୟୁ, ଏନ୍ଏଚ୍ଏମ୍, ବରଗଡ଼ ଓ ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ପାଇଁ ଯାନବାହନ ଭାଡ଼ାରେ ନିଯୁକ୍ତି / ବିଏଲ୍ଏସ୍ ବିଏସ୍–୬ ଏସି ଆମ୍ବୁଲାନ୍ସ (ଟାଇପ୍–ବି) ଯୋଗାଣ / ରୋଗଭାର ପରିଚାଳନା ଓ ଅକ୍ଷମତା ରୋକଥାମ କିଟ୍ (ଏମ୍ଏମ୍ଡିପି) ଯୋଗାଣ ପାଇଁ ନିବିଦା**"ଲେଖିବେ।ନିବିଦାଗୁଡ଼ିକୁ **ଆରଏଫ୍‌ପି ଡକ୍ୟୁମେଣ୍ଟରେ ଉଲ୍ଲେଖିତ ଠିକଣାକୁ ୦୭/୦୧/୨୦୨୬ ତାରିଖ ସନ୍ଧ୍ୟା ୪.୦୦ ଘଣ୍ଟା ମଧ୍ୟରେ** କେବଳ **ସ୍ପିଡ୍ ପୋଷ୍ଟ / ରଜିଷ୍ଟର୍ଡ ପୋଷ୍ଟ / କୁରିଅର୍** ମାଧ୍ୟମରେ ପଠାଇ ପହଞ୍ଚାଇବାକୁ ହେବ। ଅଧୋଲିଖିତ କର୍ତ୍ତୃପକ୍ଷ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ନିବିଦାକୁ ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖନ୍ତି। ଡାକଘର/ପୋଷ୍ଟାଲ୍ ବିଳମ୍ବ ପାଇଁ କର୍ତ୍ତୃପକ୍ଷ କୌଣସି ଭାବରେ ଦାୟୀ ରହିବେ ନାହିଁ।

.

ସ୍ୱାକ୍ଷରିତ/-
ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ବରଗଡ଼